## ମହିଳାଙ୍କ ଆତ୍ମହତ୍ୟା

ଗୁଣପୁର,(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ଶଗଡ଼ା ପଞ୍ଚାୟତ କେରବା ଗ୍ରାମରେ ଗୁରୁବାର ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ସାଇନି ଗମାଙ୍ଗ(୩୦)। ସ୍କିଫ ବ୍ୟବହାର କରି ରୋଷେଇ ଘରେ ସେ ଆତ୍ମହତ୍ୟା କରିଥିବାବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅତ୍ୟଧିକ ମାନସିକ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା କରିଥିବା ପୁଟାସିଂ ପୋଲିସ ପ୍ରାଥମିକ ତଦନ୍ତ ପରେ ସୂଚନା ଦେଇଛି। ଏ ନେଇ ପୁଟାସିଂ ଥାନାରେ ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ କେଶବ ବେହେରା ସୂଚନା ଦେଇଛନ୍ତି। ମୃତ ସାଇନି ଏବଂ ତାଙ୍କ ସ୍ୱାମୀ ମନୋଜ କେରବା ସ୍କୁଲରେ ଅସ୍ଥାୟୀ କର୍ମଚାରୀଭାବେ କାମ କରୁଥିଲେ। ତାଙ୍କର ଦୁଇ ଝିଅ, ପୁଅ ରହିଛନ୍ତି।

**ସଂକ୍ଷେପରେ**

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ନବରଙ୍ଗପୁର,୨୧।୧(ବି.ପ୍ର.)-ନବରଙ୍ଗପୁର ମଙ୍ଗଳମ ଟିମ୍ବର ପ୍ଲାଣ୍ଟ ନିକଟରେ ନୀଳଗିରି ବାଡ଼ରୁ ବେହରାଗୁଡା ଗ୍ରାମର ରମେଶ ଭତରାଙ୍କ ମୃତଦେହ ପୋଲିସ ଜବତ କରିଛି। ରମେଶ ଶନିବାର ରାତିରୁ ନିଖୋଜ ଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ଉତ୍ଥାର କରିଛି। ଏ ନେଇ ସ୍ଥାନୀୟ ପୋଲିସ ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍‌ଆଇ ବଳରାମ ବେହେରା ଏହାର ତଦନ୍ତ କରୁଛନ୍ତି।

### କୋଡିଙ୍ଗାରେ ଟିକାକରଣ

କୋଡିଙ୍ଗା, ୨୧।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର କରୋନା ଟିକାକରଣ ଆରମ୍ଭ ହୋଇଛି। ସାନଗୁମୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଗୀତାରାଣୀ ପାଢ଼ୀ ପ୍ରଥମେ ଟିକା ନେଇଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୦୬ ଜଣ କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଇଥିଲା। ଆଜିର ଏହି ଟୀକାକରଣ କାଯ୍ୟକ୍ରମରେ ନବରଙ୍ଗପୁର ଜିଲା ସଦର ମହକୁମା ଚିକିତ୍ସାଳୟ ଏଡିଏମ୍‌ଓ ଡା. ବିଜୟ କୁମାର, କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅପିତା ଖୁରା, କୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ରାକେଶ ଜାଲି, ଫାର୍ମାଶିଷ୍ଟ ହରିହର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଯାତ୍ରୀଙ୍କୁ ଉଦ୍ଧାରକଲା ବୋଟ୍ ଆମ୍ବୁଲାନ୍ସ

ତେନ୍ତୁଳିଖୁଣ୍ଟି, ୨୧।୧(ଡି.ଏନ୍.ଏ.) ବୋଟ୍‌ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଜଳଭଣ୍ଡାରରେ ଫସି ରହିଥିବା ୧୦ଜଣ ଯାତ୍ରୀଙ୍କୁ ୧୦୮ ବୋଟ୍ ଆମ୍ବୁଲାନ୍ସ ଉଦ୍ଧାର କରିଛି। ବୋଟ୍‌ରେ ଯାତ୍ରୀମାନେ ଏକ ନିର୍ବନ୍ଧ କାମରେ ଉପରପଙ୍ଗା ଯାଉଥିବା ସୂଚନା ମିଳିଛି। ପ୍ରକାଶ ଯେ, ରୋଗୀଙ୍କୁ ଆଣିବାକୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବାରିଆଘାଟରୁ ଗୁଡୁଖାଲକୁ ଏକ ୧୦୮ ବୋଟ୍ ଆମ୍ବୁଲାନ୍ସ ଯାଉଥିଲା। ଏହି ସମୟରେ ଜଳଭଣ୍ଡାରରେ ଏକ ମୋଟର ବୋଟ୍‌ରେ ଫସି ରହିଥିବା ଯାତ୍ରୀମାନେ ଆମ୍ବୁଲାନ୍ସକୁ ଦେଖି ସାହାଯ୍ୟ ମାଗିଥିଲେ। ଆମ୍ବୁଲାନ୍ସଟି ସେଠାକୁ ଯାଇ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ବୋଟ୍‌ଗୁଡିକରେ ସେଫ୍ଟି ଟ୍ୟୁବ୍ ଏବଂ ସେଫ୍ଟି ଜ୍ୟାକେଟ ବାଧ୍ୟତାମୂଳକ କରିବା ଦାବି ହେଉଛି।

### ସ୍କୁଲ, ହଷ୍ଟେଲରେ ବ୍ୟବସ୍ଥା ଅନୁଧ୍ୟାନ
### ଆଇଟିଡିଏ ପିଏଙ୍କ ଚନ୍ଦ୍ରପୁର ଗସ୍ତ

ଚନ୍ଦ୍ରପୁର,୨୧।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଆଇଟିଡିଏର ପିଏ ଗୋରାଚାନ୍ଦ ଗମାଙ୍ଗ ଚନ୍ଦ୍ରପୁର ବ୍ଲକ୍‌ର ଅନୁସୂଚିତ ଜନଜାତି, ଜାତି ବିଭାଗର ସମସ୍ତ ସରକାରୀ ହାଇସ୍କୁଲ ଏବଂ ହଷ୍ଟେଲ ପରିଦର୍ଶନ କରିଛନ୍ତି। ଡାଙ୍ଗସୋରଡ଼ା ସ୍କୁଲ, ଚନ୍ଦ୍ରପୁର ସ୍କୁଲ ଏବଂ ରାଇବିଜି କନ୍ୟାଶ୍ରମକୁ ଯାଇ ଛାତ୍ରୀଛାତ୍ରଙ୍କ ସମେତ ୩ ସ୍କୁଲର ପ୍ରଧାନ ଶିକ୍ଷକ ଜୟଲାଲ ନାୟକ, ସୁଶାନ୍ତ ଦାସ, ଏବଂ ଉମାଚରଣ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ସ୍କୁଲରେ ସମସ୍ତ ସୁବିଧା ହୋଇଛି କି ନାହିଁ ତାହାର ସେ ଅନୁଧ୍ୟାନ କରିଥିଲେ। ସେହିପରି ଦଶମ ଶ୍ରେଣୀ ପିଲା ରହୁଥିବା ହଷ୍ଟେଲକୁ ଯାଇ ଖାଦ୍ୟ, ପାଠପଢ଼ା, ସ୍ୱଚ୍ଛତା, ସାନିଟାଇଜ ଆଦି ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରିବା ସହ ଅନ୍ତେବାସୀଙ୍କ ସଙ୍ଗେ ଆଲୋଚନା କରିଥିଲେ। ପରିଦର୍ଶନ ବେଳେ ଗୁଣପୁର ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ଆଚାରୀ, ସ୍ୱତନ୍ତ୍ର ଅଧିକାରୀ ବିନୟ ମହାନ୍ତି, ଚନ୍ଦ୍ରପୁର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲ୍‌ବାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କୋଟିଆ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ଏମ୍‌ପି

ପଟ୍ଟାଙ୍ଗୀ,୨୧।୧(ଡି.ଏନ.ଏ.)


କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କୋଟିଆରେ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କରିଥିବା ଏମ୍‌ପି ସପ୍ତଗିରି ଉଲାକା ଗୁରୁବାର ଏହି ପଞ୍ଚାୟତକୁ ଗସ୍ତକରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ଏଫ୍‌ସିଆଇ ସଭାଗୃହରେ ବିଡିଓ ମୋନାଲିସା ଦେବତା ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସେ କୋଟିଆ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଞ୍ଚାୟତକୁ ଆସିଥିବା ୧୫୦ କୋଟି ଟଙ୍କାରେ ହୋଇଥିବା ଯୋଜନା ଓ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଏମ୍‌ପି ପଚାରି ବୁଝିଥିଲେ। ମନ୍ଥର ଗତିରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ , ଉପଜିଲାପାଳ ଲଳିତ କୁମାର କଅଁର, ପିଡି ଡିଆର୍‌ଡିଏ ପ୍ରବୀର କୁମାର ନାୟକ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, କୋଟିଆ ସରପଞ୍ଚ ବିଶ୍ୱନାଥ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଞ୍ଚାୟତରେ ଆର୍‌ଡି ବିଭାଗର ୮ଟି ରାସ୍ତା ନିର୍ମାଣ କାର୍ଯ୍ୟ, ୭ଟି ପିଏମ୍‌ଜିଏସ୍‌ୱାଇ ରାସ୍ତା କାର୍ଯ୍ୟ ଚାଲିଛି। ମାର୍ଚ୍ଚ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସରିଯିବ ବୋଲି ଏସ୍‌ଡିଓ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ୧୦ ଶଯ୍ୟାବିଶିଷ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସରିଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବା, ଫଗୁଣ ସିନେରି ଓ ଧୁଳିପଦର ଗ୍ରାମରେ ସବ୍‌ସେଣ୍ଟର ନିର୍ମାଣ ଲାଗି ଜିଲା ପ୍ରଶାସନ ମାଧ୍ୟମରେ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ସୂଚନା ଦେଇଥିଲେ । କୋଟିଆ ପଞ୍ଚାୟତର ୨୧ଟି ସୀମାନ୍ତ ଗ୍ରାମ ମଧ୍ୟରୁ ୧୬ଟି ଗ୍ରାମରେ ଆନ୍ଧ୍ର ସରକାର ବିଦ୍ୟୁତ୍ ସେବା ଯୋଗାଇଛନ୍ତି। ଓଡ଼ିଶା ସରକାରଙ୍କ

- ମାର୍ଚ୍ଚ ସୁଦ୍ଧା ସରିବ ସବୁ ରାସ୍ତା ନିର୍ମାଣ
- ୨ ଗ୍ରାମରେ ସବ୍ ସେଣ୍ଟର ନିର୍ମାଣ ପ୍ରସ୍ତାବ ଯାଇଛି
- କାମ ହେଉଛି, ପଞ୍ଚାୟତବାସୀ ପାଉନାହାନ୍ତି କାମ

ପକ୍ଷରୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ହୋଇଥିବା ନିର୍ବାହୀଯନ୍ତ୍ରୀ ଚମନ ଲାକ୍ରା କହିଥିଲେ। ଏମ୍‌ପି ଉଲାକା କୋଟିଆ ପଞ୍ଚାୟତର ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ସମେତ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ତଦାରଖ କରିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ସିଙ୍ଗୁରୁ ଗେମେଲ ଓ ଆରଜୁ ଗେମେଲ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲେ ମଧ୍ୟ ପଞ୍ଚାୟତବାସୀ କାମ ପାଇ ନ ଥିବା ଅଭିଯୋଗ କରିଥିଲେ। ଏମ୍‌ପି ଉଲାକାଙ୍କ ଗସ୍ତ ସମୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ମନୋଜ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ରୂପକ ତୁରୁକ, ଗୋବିନ୍ଦ ଖରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଗୁପ୍ତଶଙ୍କର ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଅର୍ଜୁନ ବାଙ୍ଗା ଓ ଶୁକ୍ରା ଖରା ପ୍ରମୁଖ ଉପସ୍ଥିତ ଥିଲେ ।

## ମିନି ଷ୍ଟାଡିୟମ ନିର୍ମାଣକୁ ଆଉ କେତେ ବର୍ଷ

ବିଷମକଟକ,୨୧।୧



- ୩ ବର୍ଷରେ ବ୍ୟୟ ହେଲାଣି ୪୦ ଲକ୍ଷ
- ଟଙ୍କା ଆସିଛି, ଆନ୍ତରିକତା ଅଭାବ ଯୋଗୁ କାମ ହେଉନି

ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କୁ ଉତ୍ତମ ଭିତ୍ତିଭୂମି ଯୋଗାଇବା ଏବଂ ସେମାନଙ୍କ ବିକାଶ ଲକ୍ଷ୍ୟ ନେଇ ୨୦୧୭ରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ସଦର ବାଇପାସ୍ ରାସ୍ତା ପାର୍ଶ୍ୱରେ ଏକ ଖେଳ ପଡ଼ିଆ ନିର୍ମାଣ ହୋଇଥିଲା। ଖେଳାଳିମାନଙ୍କ ଆଗ୍ରହକୁ ଦେଖି ପରବର୍ତ୍ତୀ ସମୟରେ ଏହାକୁ ସରକାରଙ୍କ ପକ୍ଷରୁ ଏକ ମିନି ଷ୍ଟାଡିୟମରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ୪୦ ଲକ୍ଷ ଟଙ୍କା ବ୍ୟୟ ହୋଇସାରିଛି। ଇତିମଧ୍ୟରେ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନି। ଫଳରେ ଅଞ୍ଚଳର ଯୁବ କ୍ରୀଡ଼ାବିତ୍‌ଙ୍କ ଆଗ୍ରହ କମିବାରେ ଲାଗିଛି।

ସୂଚନା ଅନୁଯାୟୀ, ୨୦୧୭ରେ ବ୍ଲକ୍ ଓ ଆଇଟିଡିଏ ପକ୍ଷରୁ ୨୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନରେ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ଜଗନ୍ନାଥ ସାରକା ଶିଳାନ୍ୟାସ କରିଥିଲେ। ହେଲେ ଅନୁଦାନ ରାଶି ଅଭାବ ପଡ଼ିବାରୁ ୨୦୧୮–୧୯ ବର୍ଷରେ ବିଧାୟକ ପାଣ୍ଠିରୁ ୫ଲକ୍ଷ ଓ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଥିଲା। ତଥାପି ଅର୍ଥ ଅଭାବ ଯୋଗୁ କାର୍ଯ୍ୟ ବନ୍ଦ ରହିଥିଲା। ଏହାପରେ ପୁଣି ୨୦୧୯–୨୦ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ଲକ୍ଷ ଟଙ୍କା ଅନୁଦାନ ରାଶି ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରୁନି। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ ନେଉଥିଲେ ମଧ୍ୟ ତଳ ସ୍ତରରେ ଏହାର କୌଣସି ସୁଫଳ ମିଳୁ ନ ଥିବା ଦେଖାଯାଉଛି। ଖେଳ ପଡ଼ିଆ ଅଭାବ ଯୋଗୁ ପିଲାମାନେ କଲେଜ ପଡ଼ିଆ, ବ୍ୟାଙ୍କ ନିକଟ ପଡ଼ିଆରେ ଖେଳୁଛନ୍ତି। ସେହିପରି ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଟଙ୍କା ଆସୁଥିଲେ ମଧ୍ୟ ଆନ୍ତରିକତା ଅଭାବ ଯୋଗୁ କାମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଦିଲୀପ କୁମାର ପଟ୍ଟନାୟକ କହିଛନ୍ତି, ଏହି ମିନି ଷ୍ଟାଡିୟମରେ ଖର୍ଚ୍ଚ ହେଉଥିବା ଟଙ୍କାର ସଦୁପଯୋଗ ହୋଇପାରୁନାହିଁ। ବ୍ୟୟ ହୋଇଥିବା ଟଙ୍କାର କାର୍ଯ୍ୟ ନେଇ ତଦନ୍ତ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଷମକଟକ ବିଡିଓ ଆଲବର୍ଟ ଲାକ୍ରାଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଛନ୍ତି, ଷ୍ଟାଡିୟମ କାମ ଚାଲିଛି। ସମସ୍ତ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କରାଯିବ। ସିନ୍ଥେଟିକ୍ ଗ୍ରାଉଣ୍ଡ ପାଇଁ ୭ଲକ୍ଷ ଟଙ୍କା ଏବଂ ଓପନ ଜିମ୍ ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କ୍ରୀଡ଼ା ବିଭାଗ ପକ୍ଷରୁ ମିଳିଥିବା ୧୫ଲକ୍ଷ ଟଙ୍କା ଖେଳାଳିଙ୍କ ସହମତିରେ ପଡ଼ିଆ ଉନ୍ନତୀକରଣ କାର୍ଯ୍ୟରେ ବ୍ୟୟ କରାଯିବ ବୋଲି ସେ କହିଛନ୍ତି। ୨୦୨୧ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ବିଡିଓ କହିଛନ୍ତି।

## ଡଙ୍ଗରିଆଙ୍କ ସମସ୍ୟା ବୁଝିଲେ ଉପଜିଲାପାଳ

ମୁନିଗୁଡ଼ା,୨୧।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ପଞ୍ଚାୟତ ଅଧୀନ ନିୟମଗିରି ପାଦଦେଶରେ ଅବସ୍ଥିତ ଦୁର୍ଗମ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା। ୭ କି.ମି. ପାହାଡ଼ ବାଟ ଚାଲି ସେ ଆଦିବାସୀ ଅଧ୍ୟୁସିତ ଆମ୍ବଧୁନୀ, ଧାମଣପଙ୍ଗା ଓ ଡେଙ୍ଗୁଣୀ ଗ୍ରାମରେ ପହଞ୍ଚିଥିଲେ। ଏଠାରେ ଡଙ୍ଗରିଆଙ୍କ ମୌଳିକ ସମସ୍ୟା ବୁଝିବା ସହ ସମାଧାନର ପଦକ୍ଷେପ ନେଇଛନ୍ତି। ଏଥିସହ ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱ ଦେଇ ଉପଜିଲାପାଳ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ବିଡ଼ିଓ ଦିଲୀପ କୁମାର ବେହେରା, ସ୍ଥାନୀୟ ତହସିଲଦାର ଦେବାଶିଷ ଗୌଡ଼, ବ୍ଲକ୍ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ଆର୍‌ଆଇ ନୀଳାଞ୍ଚଳ ଗୌଡ଼, କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାତ୍ର, ପିଇଓ ନିରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସିଏଚ୍‌ସିରେ ଭିତ୍ତିଭୂମି, ବ୍ୟବସ୍ଥା ପରଖିଲା କାୟାକଳ୍ପ ଟିମ୍

ବିଷମକଟକ/ଗୁଡାରି, ୨୧।୧(ଡି.ଏନ୍.ଏ.)


ବର୍ଜ୍ୟବସ୍ତୁ ପରିଚାଳନାର ଡେମୋ ଦେଖୁଛନ୍ତି ଟିମ୍ ।

ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଗୁରୁବାର ରାୟଗଡ଼ା ଜିଲା ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ପରିଦର୍ଶନ କରଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ପରେଶ ଚନ୍ଦ୍ର ମିଶ୍ର, ଏନ୍‌ଆର୍‌ଏଚ୍‌ଏମ୍‌ର ସରୋଜ ପାଣିଗ୍ରାହୀ ଏବଂ ମନ୍ମଥ କୁମାର ମହାନ୍ତିଙ୍କୁ ନେଇ ଗଠିତ ଟିମ୍ ସିଏଚ୍‌ସିର ସମସ୍ତ ବିଭାଗ ବୁଲି ଦେଖିବା ସହ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଟିମ୍‌ର ସଦସ୍ୟମାନେ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ଅନୁଧ୍ୟାନ ଓ ଆଲୋଚନା କରିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର କକ୍ଷଗୁଡିକୁ ବୁଲି ଦେଖିବା ସହ ପ୍ରସୂତି ମାନଙ୍କୁ ଅଧିକ ଉନ୍ନତ ମାନର ସୁବିଧା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରୋଗୀ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଏକ ଡେମୋ ଦେଖିଥଲେ। ଶେଷରେ ଟିମ୍ ସଦସ୍ୟମାନେ ଡାକ୍ତରଖାନାର ଭିତ୍ତିଭୂମି ବିଷୟରେ ବିବରଣୀ ରଖିଥିଲେ। ଟିମ୍‌ର ରିପୋର୍ଟ ଆଧାରରେ ସରକାର ବିଭିନ୍ନ ଡାକ୍ତରଖାନାକୁ ପୁରସ୍କୃତ କରିବେ। ଟିମ୍ ସହ ଜିଲା କାର୍ଯ୍ୟାଳୟରୁ ଡିଏମ୍‌ଆର୍‌ସିଏଚ୍ ଭଗବାନ ମେହେରା ରହିଥିଲେ। ଏହି ଅବସରରେ ରୋଗି କଲ୍ୟାଣ ସମିତିର ଅତିରିକ୍ତ ମ୍ୟାନେଜର ପି.ପ୍ରିୟମ୍ବଦା, ମେଡିକାଲ ଅଧିକାରୀ ଅଂଶୁମାନ ଚୌଧୁରୀ,ବିପିଏମ୍ ପ୍ରଭାକର ଧଳ, ବିଇ ଜ୍ୟୋସ୍ନା ମହାରଣା, ବାଡା ରାମାଚଳ ଗୌଡ଼ ଏବଂ ମେଡିକାଲ ଷ୍ଟାଫ୍ ଉପସ୍ଥିତ ଥିଲେ। ଏହ ଟିମ୍ ମଙ୍ଗଳବାର ଜିଲାର ଗୁଡାରି ସିଏଚ୍‌ସି ପରିଦର୍ଶନରେ ଯାଇ ଭିତ୍ତିଭୂମି ପରଖିବା ସହ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ଟିମ୍ ସମେତ ଗୁଡାରି ସିଏଚ୍‌ସିର ମୁଖ୍ୟ ଚିକିତ୍ସାଧିକାରୀ ଅରୁପାନନ୍ଦ ବେହେରା,ଦେବାଶିଷ ଭଞ୍ଜ, ରଶ୍ମିତା ମହାକୁଡ଼, ଡାକ୍ତର ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଗୁଡାରି ସିଏଚ୍‌ସି ଉନ୍ନତ ମାନର ସେବା ପାଇଁ ରାୟଗଡ଼ା ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା।

## ୩୦୩ ଯୋଦ୍ଧାଙ୍କୁ କରୋନା ଟିକା

ଚନ୍ଦାହାଣ୍ଡି/ରାଇଘର, ୨୧।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକାକରଣ ଗୁରୁବାର ଆରମ୍ଭ ହୋଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏହାର ଉଦ୍‌ଘାଟନ କରିଥିଲେ। ଡାକ୍ତର ସଂଗ୍ରାମ କେଶରୀ ସାହୁ ପ୍ରଥମେ ଟିକା ନେଇଥିଲେ। ଗୁରୁବାର ୧୨୨ ଜଣଙ୍କୁ ଟିକା ଦିଆଯାଇଥିବା ସୂଚନା ମିଳିଛି। ଟିକା ନେଇଥିବା ବ୍ୟକ୍ତିଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ଡିଏଲ୍‌ଓ ଡାକ୍ତର ସୁକାନ୍ତ କୁମାର ଶତପଥୀ, ଡାକ୍ତର ବିଜୟଲକ୍ଷ୍ମୀ ପ୍ରଧାନ, ଡାକ୍ତର ଶ୍ରୀନିବାସ ନାୟକ, ଡାକ୍ତର ରାଜେନ୍ଦ୍ର ମେହେର, ସୁପର ଭାଇଜର ନିଷିଦ୍ଧ କୁମାର ବ୍ରହ୍ମା, ଉମାକାନ୍ତି ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ରାଇଘର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ ୧୦୩ ଏବଂ ୭୮ ଜଣ ଯୋଦ୍ଧାଙ୍କୁ ଗୁରୁବାର ଟିକା ପ୍ରଦାନ କରାଯାଇଛି। ଡାକ୍ତର, ଆଶା ଓ ଅଙ୍ଗନୱାଡି କର୍ମୀ ଟିକା ନେଇଥିବା ଜଣାପଡିଛି। କଳାବ୍ୟାଜ୍ ପିନ୍ଧି ସ୍ୱାସ୍ଥ୍ୟକର୍ମୀମାନେ ଏଥିରେ ସହଯୋଗ କରିଥିଲେ।

## ସଚେତନ କରିବ ‘ଶାମ୍ବରଥ’


ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଶାମ୍ବରଥର ଶୁଭାରମ୍ଭ କରୁଛନ୍ତି।

ଚନ୍ଦାହାଣ୍ଡି,୨୧।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ‘ଶାମ୍ବରଥ’କୁ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ କୁଷ୍ଠରୋଗ ନିରାକରଣ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବ। ଏହାଛଡ଼ା କୁଷ୍ଠରୋଗର ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟକରି ସେମାନଙ୍କ ଚିକିତ୍ସା କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ମଧୁସୂଦନ ନାଗେଶ, ଡିଏଲ୍‌ଓ ଡାକ୍ତର ସୁକାନ୍ତ ଶତପଥୀ, ଡାକ୍ତର ପ୍ରଶାନ୍ତ କୁମାର ଦାଶ, ଡାକ୍ତର ମନୀଷ ପୁରୋହିତ, ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ(ଆୟୁଷ), ବିପିଏମ୍ ସୁଦୀପ୍ତ ରଞ୍ଜନ ରାଉତ, ଆକାଉଣ୍ଟାଣ୍ଟ ଶାନ୍ତନୁ ମହାପାତ୍ର, ଡାଟା ମ୍ୟାନେଜର ରିଙ୍କୁ ପ୍ରଧାନ, ଫାର୍ମାସିଷ୍ଟ ସଞ୍ଜୀବ କୁମାର ପାତ୍ର, ରମେଶ ଦାଶ, ଅମରେଶ ଖମାରି, ଆଶୁତୋଷ ଖମାରି, ଶିବାନୀ ଖମାରି, ଏସ୍‌ଟିଏସ୍ ହରେକୃଷ୍ଣ ପାଣିଗ୍ରାହୀ, ଏଲ୍‌ଏଚ୍‌ଭି ବହମଣୀ ହେମ୍ବ୍ରମ, ସ୍ୱାସ୍ଥ୍ୟକର୍ମୀ ଯାଜ୍ଞସେନୀ ସାହୁ, ବଙ୍କିମ ମିଶ୍ର, ମନ୍ମଥ ସ୍ୱାଇଁ, ଦୋଳେନ୍ଦ୍ର ନାୟକ, ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଟ୍ ବେଲ୍ଟ, ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଳାଅ


ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରୁଛି।

ଡାବୁଗାଁ, ୨୧।୧ (ଡି.ଏନ୍.ଏ.)

**ଡାବୁଗାଁରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା**

ନବରଙ୍ଗପୁର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଡାବୁଗାଁ ଥାନା ପୋଲିସ ସହଯୋଗରେ ସଡକ ସୁରକ୍ଷା ଶୋଭାଯାତ୍ରା ବାହାରିଛି। ଏହି ଶୋଭାଯାତ୍ରାଟି ଡାବୁଗାଁ ବସ୍‌ଷ୍ଟାଣ୍ଡରୁ ବାହାରି ନଗର ପରିକ୍ରମା କରିଥିଲା। ଗାଡି ଚଳାଇବା ବେଳେ ହେଲମେଟ୍, ସିଟ ବେଲ୍ଟ ପିନ୍ଧିବା, ନିଶା ସେବନ କରି ଗାଡି ନ ଚଲାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବାକୁ ସଚେତନ କରାଯାଇଛି। ଏଥିରେ ନବରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିଭୁ ରଞ୍ଜନ ନାୟକ, ଥାନା ଏଏସ୍‌ଆଇ ଶ୍ୟାମ ସୁନ୍ଦର ବେହେରା ଓ କୈଳାଶ ଚନ୍ଦ୍ର ବେହେରା ଏବଂ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ହିରୋ ଶୋ’ରୁମ୍ ପକ୍ଷରୁ ୧୦୦ ମିଲିୟନ ଉତ୍ସବ

ରାୟଗଡ଼ା ଅଫିସ,୨୧।୧

ଭାରତୀୟ ଦୁଇଚକିଆ ଯାନ କମ୍ପାନୀ ହିରୋ ମୋଟୋ କର୍ପ ୧୦୦ମିଲିୟନ ଗାଡ଼ି ଉତ୍ପାଦନର ଉତ୍ସବ ପାଳନ କରୁଛି। ଏହାକୁ ନେଇ ଗୁରୁବାର ରାୟଗଡ଼ା ହିରୋ ଶୋ’ରୁମ୍ ପକ୍ଷରୁ ଏକ ଲାଇଭ୍ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଆର୍‌ଟିଓ ଦିଲୀପ କୁମାର ଦଳେଇ ଅତିଥିଭାବେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଲାଇଭ୍ ଇଭେଣ୍ଟରେ ଶୋ’ରୁମ୍‌ର ମାଲିକଙ୍କ ସମେତ ଭାରତରେ ଥିବା ସମସ୍ତ ହିରୋ ଶୋ’ରୁମ୍‌ର ଡିଲରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାୟଗଡ଼ା ଶୋ’ରୁମ୍ ଡିଲର ଆସୋସିଏଶନ ପକ୍ଷରୁ ଏସ୍‌ପି ଏବଂ ଆର୍‌ଟିଓଙ୍କୁ ସମ୍ମାନିତ କରାଯାଇଥିଲା। ମାଲିକ ଅଶୋକ କୁମାର ଜୈନ, ଅଜିତ କୁମାର ଜୈନ, ଅମିତ କୁମାର ଜୈନଙ୍କ ସମେତ ଶୋ’ରୁମ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପଦ୍ମପୁର ବ୍ଲକ୍‌ରେ ବିଜେଡିର କର୍ମୀ ସମ୍ମିଳନୀ

ପଦ୍ମପୁର,୨୧।୧(ଡି.ଏନ୍.ଏ.)–


ସମ୍ମିଳନୀରେ ଗୁଣପୁର ବିଧାୟକ, ଜିଲା ବିଜେଡି ସଭାପତି ଓ ଅନ୍ୟମାନେ ।

**ଜିଲା ପରିଷଦ ଉପନିର୍ବାଚନ ପାଇଁ ସକ୍ରିୟ ବିଜେଡି**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ‘ଖ’ ଜୋନ୍ ଜିଲା ପରିଷଦ ଉପନିର୍ବାଚନ ପାଇଁ ନିକଟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଫେବୃୟାରୀ ୨୪ରେ ଜିଲା ପରିଷଦ ଉପନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହେବାପରେ ବିଜେଡି ଦଳ ଅଧିକ ସକ୍ରିୟ ହୋଇଉଠିଛି। ହାତରେ ଆଉ ମାତ୍ର ୧ମାସ ରହିଥିବାରୁ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ କରାଯାଉଥିବା ଦେଖିବାକୁ ମିଳୁଛି। ଗୁରୁବାର ପଦ୍ମପୁର ବ୍ଲକର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ନୂଆଗଡ଼ ଏବଂ ଗୁଲୁଗୁଡ଼ା ପଞ୍ଚାୟତବାସୀଙ୍କୁ ନେଇ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନୂଆଗଡ଼ ସରପଞ୍ଚଙ୍କ ସଭାପତିତ୍ୱରେ ଏହା ହୋଇଥିଲା ୭ ପଞ୍ଚାୟତଙ୍କୁ ନେଇ ଆଗାମୀ ଉପନିର୍ବାଚନରେ କିପରି ମଇଦାନକୁ ଓହ୍ଲାଇବେ ସେ ନେଇ ନେତାମାନେ ଆଲୋଚନା କରିଥିଲେ। ସମ୍ମିଳନୀରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ, ପଦ୍ମପୁର ବ୍ଲକ୍ ବିଜେଡି ସଭାପତି ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝି, ଜିଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ରଞ୍ଜିତ କୁମାର ପାଣିଗ୍ରାହୀ, ରଘୁନନ୍ଦନ ନାୟକ, ଛାତ୍ର ଜନତା ଦଳର ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଦ୍ମପୁର ‘ଖ’ ଜୋନ୍ ଦୀର୍ଘ ଦିନ ଧରି କଂଗ୍ରେସର ଗଡ଼ ରୂପେ ପରିଚିତ। ଏଠାରେ କ୍ରମାଗତଭାବେ କଂଗ୍ରେସ ବିଜୟଧାରା ଜାରି ରଖିଛି। ତେବେ ଏହି ଜୋନ୍‌ରୁ ବିଜୟୀ ହୋଇ ଜିଲା ପରିଷଦ ଅଧ୍ୟକ୍ଷ ହୋଇଥିବା ପୁରୁଷୋତ୍ତମ ଗମାଙ୍ଗଙ୍କ ୨୦୧୯ ଡିସେମ୍ବର ୨୪ରେ ମୃତ୍ୟୁ ପରେ ଏହି ପଦ ଖାଲି ପଡ଼ିଛି। ତେଣୁ ବିଜେଡି ନେତାମାନେ ଏଥର ପଦ ହାସଲ କରିବା ପାଇଁ ଏଠାରେ ଡେରା ପକାଇ ଲୋକଙ୍କୁ ଏକଜୁଟ କରି କର୍ମୀ ସମ୍ମିଳନୀ କରୁଥିବା ଦେଖିବାକୁ ମିଳୁଛି।

## ସ୍ୱାସ୍ଥ୍ୟ ବିଭାଗକୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ଦେଲା ୟୁଏଆଇଏଲ୍

ରାୟଗଡ଼ା ଅଫିସ/ଟିକିରି, ୨୧।୧(ଡି.ଏନ୍.ଏ.)



ୟୁଏଆଇଏଲ୍ ୟୁନିଟ ମୁଖ୍ୟ ସ୍ୱାସ୍ଥ୍ୟବିଭାଗକୁ ଆମ୍ବୁଲାନ୍ସ ହସ୍ତାନ୍ତର କରୁଛନ୍ତି ।

ରାୟଗଡ଼ା ଜିଲାରେ କରୋନା ମୁକାବିଲା ତଥା ଜିଲାରେ ସ୍ୱାସ୍ଥ୍ୟସେବା ଦିଗରେ ଅଧିକ ସହାୟତା ନିମନ୍ତେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍) ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦେଇଛି। ଗୁରୁବାର ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା ଅତିଥିଭାବେ ଯୋଗଦେଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହାର ଲୋକାର୍ପଣ କରିଥିଲେ। ଏହି ଆମ୍ବୁଲାନ୍ସରେ ସମସ୍ତ ଜରୁରିକାଳୀନ ସ୍ୱାସ୍ଥ୍ୟ ଉପକରଣ ବ୍ୟବସ୍ଥା ଯଥା ସିରିଞ୍ଜ ଇନ୍‌ଫ୍ୟୁଜନ୍ ପମ୍ପ, ପରିବହନ ଭେଣ୍ଟିଲେଟର, ମାଉଥ୍ ଟୁ ମାଉଥ୍ ମାସ୍କ, ଫୋଲ୍ଡିଂ ଷ୍ଟ୍ରେଚର, ଏମର୍ଜେନ୍ସି କିଟ୍, ସକ୍ସନ୍ ପମ୍ପ, ୨ ଅକ୍ସିଜେନ୍ ସିଲିଣ୍ଡର, ଅକ୍ସିଜେନ ସପ୍ଲାଏ ପାଇପଲାଇନ୍, କାର୍ଡିଆକ୍ ମନିଟର ଆଦି ରହିଛି। ଏହି ଅବସରରେ ଅନ୍ୟତମ ଅତିଥିଭାବେ ରାୟଗଡ଼ା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ତପନ କୁମାର ରଥ, କାଶୀପୁର ବିଧାୟକ ମକରନ୍ଦ ମୁଦୁଲି ଉପସ୍ଥିତ ଥିଲେ। ୟୁଏଆଇଏଲ୍ ୟୁନିଟ୍ ମୁଖ୍ୟ ମଝହରୁଲ୍ଲ ବେଗ୍ ଏହି ଅବସରରେ କହିଛନ୍ତି, ଗମ୍ଭୀର କରୋନା ପରିସ୍ଥିତି ସମୟରେ ଜିଲା ପ୍ରଶାସନକୁ ଆମ୍ବୁଲାନ୍ସ ଯୋଗାଇଥିଲୁ। କିନ୍ତୁ ଉତ୍ସର୍ଗୀକୃତ ଆମ୍ବୁଲାନ୍ସର ଆବଶ୍ୟକତା ମଧ୍ୟ ଅନୁଭବ କରିଥିଲୁ। ତେଣୁ ଏକ କ୍ରିଟିକାଲ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ପ୍ରଦାନ ନିମନ୍ତେ କମ୍ପାନୀ ନିଷ୍ପତ୍ତି ନେଇଥିଲା ବୋଲି ସେ କହିଛନ୍ତି। ୟୁଏଆଇଏଲ୍‌ର ଏଭଳି କାର୍ଯ୍ୟକୁ ଜିଲାପାଳ ସାଧୁବାଦ ଜଣାଇବା ସହ ମିନି ଆଇସିୟୁ ସଦୃଶ ଏହି ଆମ୍ବୁଲାନ୍ସ ଆଦିବାସୀ ଅଧ୍ୟୁଷିତ ଜିଲାରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବ ବୋଲି କହିଛନ୍ତି। ସେହିପରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୟୁଏଆଇଏଲ୍‌ର ୟୁନିଟ୍ ଏଚ୍‌ଆର୍ ମୁଖ୍ୟ ରାକେଶ ପ୍ରତାପ ସିଂ, ଶିବଶଙ୍କର ମହାପାତ୍ର, ଅରିନ୍ଦମ୍ ରାୟ ଚୌଧୁରୀ (ମୁଖ୍ୟ ମେଡିକାଲ ସେବା–ଉତ୍କଳ ହସ୍ପିଟାଲ), ମୁକେଶ ଝା, ଲୋପାମୁଦ୍ରା ପ୍ରିୟଦର୍ଶିନୀ, ସୁକାନ୍ତ ମହାପାତ୍ର, ପୀତାମ୍ବର ବେହେରା ଉପସ୍ଥିତ ଥିଲେ।

## ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ୭ ଅଟକ

ମାଲକାନଗିରି,(ଡି.ଏନ୍.ଏ.)- ବୁଧବାର ପେଡାକୋଣ୍ଡା ପଞ୍ଚାୟତ ସଦର ମହକୁମାଠାରୁ ଦେଢ କି.ମି.ଦୂରରେ ଥିବା ଏକ ପୋଖରୀ ନିକଟରୁ ମୁଣ୍ଡବିହୀନ ମୃତଦେହ ପୋଲିସ ଜବତ କରିଥିଲା। ଆଇଆଇସି ରାମପ୍ରସାଦ ନାଗ ଏହାର ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ଗୁରୁବାର ପେଡାକୋଣ୍ଡା ଗ୍ରାମର ୭ଜଣଙ୍କୁ ଆଣି ପୋଲିସ ଥାନାରେ ଅଟକ ରଖିଛି। ଏଥିରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ପୋଲିସ ସୂଚନା ପାଇଛି। ସମସ୍ତଙ୍କୁ ଧରାଯାଇ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାଗ କହିଛନ୍ତି।

# ‘ଜମିର ଉପଯୁକ୍ତ କ୍ଷତିପୂରଣ ଦେଇ ରାସ୍ତା କାର୍ଯ୍ୟ କର’

**ଭାରତମାଳା ଜାତୀୟ ରାଜପଥ ନେଇ ଜନଶୁଣାଣି**

କୋରାପୁଟ,୨୧।୧(ସ୍ୱ.ପ୍ର.)



ଜନଶୁଣାଣିରେ ଉପସ୍ଥିତ ଗ୍ରାମବାସୀ ।

କୋରାପୁଟ ଜିଲା ଦେଇ ଯାଉଥିବା ଭାରତମାଳା ଜାତୀୟ ରାଜପଥ ନିର୍ମାଣ ନେଇ ଗୁରୁବାର କୋରାପୁଟସ୍ଥିତ କାର୍ନିଭାଲ ପଡ଼ିଆଠାରେ ଜନଶୁଣାଣି ହୋଇଛି । ରାୟଗଡ଼ାର ଆଞ୍ଚଳିକ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ଜନ ଶୁଣାଣି ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକର ଜମି ହରାଉଥିବା ଗ୍ରାମବାସୀ, ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ସମସ୍ତଙ୍କ ମତ ନିଆଯାଇଥିଲା। ଜମିର ଉପଯୁକ୍ତ କ୍ଷତିପୂରଣ ଦେଇ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ପ୍ରକାଶ କରିଥିଲେ। ବୋର୍ଡର ପ୍ରଶାନ୍ତ କୁମାର କର ଅଧକ୍ଷତା କରିଥିଲେ। ଜିଲା ପ୍ରଶାସନର ନୋଡାଲ ଅଧିକାରୀ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜାତୀୟ ରାଜପଥ ବିଭାଗର ଅଧିକାରୀ ବିପିନ ବିହାରୀ ପଣ୍ଡା, ପରାମର୍ଶଦାତା ରବିନାରାୟଣ ସାହୁଙ୍କ ସମେତ ଜାତୀୟ ରାଜପଥ ଯାଉଥିବା ସମସ୍ତ ବ୍ଲକର ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଜନଶୁଣାଣିରେ କୋରାପୁଟ ବିରିଗୁଡା ଗ୍ରାମର ଜମି ହରାଉଥିବା ଶରତ ଚନ୍ଦ୍ର ବୁରୁଦା ଯୋଗଦେଇ ପ୍ରକଳ୍ପ ପାଇଁ ତାଙ୍କର ଫଳନ୍ତି ଆମ୍ବଗଛ,ଲେମ୍ବୁଗଛ ସହ ଅନ୍ୟ ଗଛ ରହିଥିବା ୩ ଏକର ଜାଗା ଯାଉଛି। ଏ ବାବଦକୁ ସେ ଏକର ପିଛା ୩୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ସେହିପରି କୋରାପୁଟ ବ୍ଲକର ମହାଦେଇପୁଟ ପଞ୍ଚାୟତର ଲିଙ୍ଗିଗୁଡା ଗ୍ରାମର ଦାଶରଥ ମାଳି ପ୍ରକଳ୍ପ ନେଇ ତାଙ୍କର ୫ ଏକର ଜମି ଯାଉଥିବା ପ୍ରକାଶ କରି ଏ ବାବଦକୁ ବର୍ତ୍ତମାନର ବଜାର ଦର ଅନୁସାରେ ଏକର ପିଛା ତାଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏଥିସହ ତାଙ୍କୁ ଏହି ଜମି ବଦଳରେ ସମାନ ପରିମାଣର ଜମି ଅନ୍ୟତ୍ର ଦେବାକୁ କହିଥିଲେ। ସେହିପରି ପଟ୍ଟାଙ୍ଗୀ ବ୍ଲକ ପୁକାଲି ଗ୍ରାମର ଜମି ହରାଉଥିବା ଶ୍ରୀନିବାସ ସାହୁ ଏକର ପିଛା କ୍ଷତିଗ୍ରସ୍ତଙ୍କୁ ୧୫ ଲକ୍ଷ ଲେଖାଏ ଦେବା ଏବଂ ଜାତୀୟ ରାଜପଥ ପୁକାଲି ହାଟ ଦେଇ ନେବାକୁ ମତ ରଖିଥିଲେ । ପୁକାଲି ଗ୍ରାମର ଜଗତରାମ ନାୟକ ପ୍ରକଳ୍ପ ଯୋଗୁ ଜମି ହରାଉଥିବା ବ୍ୟକ୍ତିଙ୍କୁ ଉଚିତ କ୍ଷତିପୂରଣ ନ ଦେଲେ ଆମେ ଆନ୍ଦୋଳନ କରିବୁ ବୋଲି କହିଥିଲେ। ସେହିପରି କୋରାପୁଟ ବ୍ଲକ ରଙ୍ଗମାଟିଗୁଡ଼ାର ଭଗବାନ ବୁରୁଡି ପ୍ରକଳ୍ପ ଯୋଗୁ ତାଙ୍କ ଗ୍ରାମ ସମ୍ପୂର୍ଣ୍ଣ ଉଠିଯାଉଛି। ଗ୍ରାମବାସୀଙ୍କୁ ଏ ବାବଦରେ ଏକର ପିଛା ୧୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପୁରିମୁଣ୍ଡା ଗ୍ରାମର ପ୍ରେମ କନ୍ଦପାନ ତାଙ୍କର ୫ଏକରରୁ ଊର୍ଦ୍ଧ୍ୱ ଜମି ପ୍ରକଳ୍ପ ଯୋଗୁ ଯାଉଥିବାରୁ ସେ ତାଙ୍କ ଜମି ବଦଳରେ ଅନ୍ୟତ୍ର ଭଲ ଜମି ଦେବାକୁ ମତ ରଖିଥିଲେ। ଜନଶୁଣାଣିରେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସେମିଳିଗୁଡାର ମାଳିଡୋଲିଆମ୍ବରେ ୮ କୋଟି ବ୍ୟୟରେ ନିର୍ମାଣାଧୀନ ମଡେଲ ଡିଗ୍ରୀ କଲେଜ କାର୍ଯ୍ୟକୁ ବନ୍ଦ ନ କରିବାକୁ ପରାମର୍ଶ ଦେଇଥିଲେ। ଏହା ବନ୍ଦ ହେଲେ ଉକ୍ତ ଅଞ୍ଚଳର ବହୁ ଆଦିବାସୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ବୋଲି ପ୍ରକାଶ କରିଥିଲେ। ଏହି ରାସ୍ତାକୁ ଅନ୍ୟ ବାଟଦେଇ ନେବାକୁ ବାହିନୀପତି ମତ ରଖିଥିଲେ। ଯଦି ଏହି ମଡେଲ କଲେଜକୁ ଭାଙ୍ଗି ରାସ୍ତା ନେବାକୁ ବିଭାଗ ଚାହିଁବ ତା’ହେଲେ ସେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ପ୍ରକଳ୍ପ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀଙ୍କୁ ଜାତୀୟ ରାଜପଥ ବିଭାଗ ଏକର ପିଛା ୩୦ ଲକ୍ଷ ଲେଖାଏ ଦେବାକୁ ସେ ଦାବି ଉପସ୍ଥାପନ କରିଥିଲେ। କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ଓ ଜମିହରା ବାବୁଲା ବେନିଆ ଯୋଗଦେଇ ଜମି ବାବଦକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଉପସ୍ଥିତ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ।

## ସଂକ୍ଷେପରେ

### ଡୁମୁରିପୁଟରେ ମାଣ୍ଡିଆ ମଣ୍ଡି



କୋରାପୁଟ,୨୧।୧(ସ୍ୱ.ପ୍ର.)- କୋରାପୁଟ ଜିଲାର ଡୁମୁରିପୁଟ ଲ୍ୟାମ୍ପଠାରେ ଗୁରୁବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ପଦ୍ମପୁର ସରପଞ୍ଚ ଲକ୍ଷ୍ମୀ ହଞ୍ଜରିଆ, ଆରଏମସି ଉପାଧ୍ୟକ୍ଷ କର୍ପୁର ହନ୍ତାଳ ଅତିଥିଭାବେ ଯୋଗଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। କୋରାପୁଟ ବ୍ଲକ ମହାଦେଇପୁଟ, ମଣ୍ଡିପୁଟ, କେନ୍ଦାର, ପଦ୍ମପୁର ଆଦି ପଞ୍ଚାୟତରୁ ଚାଷୀମାନେ ଆଣିଥିବା ୫ଶହ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ମଣ୍ଡିରେ କେଏଫଏ ସଂସ୍ଥାର ବ୍ଲକ ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ, ଏଫଇଓର ରାମ ମାଳି, ସ୍ନେହାଞ୍ଜଳି ମିଶ୍ର, ଦିପ୍ତିରଞ୍ଜନ ସେଠୀ, ସିଆରପି ରଘୁନାଥ ନାୟକ, ରାମ ନାୟକ, ମାଧବ ନାୟକ ଗୁରୁନାଥ ସଗର, କୋରାପୁଟ ଜିଲାର ମାର୍କେଟିଂ ଅଫିସର ଆଶୁତୋଷ ନନ୍ଦ, ଜିଲା ସଂଯୋଜକ ତ୍ରିନାଥ ପୁଟିଆ, ରାଜ୍ୟ ମାର୍କେଟ ଏକ୍ସପୋର୍ଟ ହରିହର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପ ଏମଡି ପଦ୍ମନାଭ ପୂଜାରି ପରିଚାଳନା କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି,୨୧।୧ (ଡି.ଏନ୍.ଏ.)- ମାଲକାନଗିରି ଥାନା ଋକୁଣିଗୁଡା ଜଙ୍ଗଲ ନିକଟରେ ଜଣେ ଯୁବକ ଗଛରେ ଗାମୁଛା ବାନ୍ଧି ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଦେବେନ୍ଦ୍ର ହାଂସଦା। ତେବେ ଦୀର୍ଘ ଦିନ ହେବ ସେ ମାନସିକ ରୋଗରେ ପୀଡିତ ଥିବା ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ସେ ଘରୁ ବାହାରକୁ ଯାଇଥିଲେ। ତାଙ୍କ ଫେରିବା ବହୁ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଗୁରୁବାର ସକାଳେ ତାଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ଶ୍ରୀମତୀ ହାଂସଦା ପୋଲିସକୁ ସୂଚନା ଦେବା ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ବିକ୍ରମ ଦେବ କଲେଜ ଏକକ ବିଶ୍ୱବିଦ୍ୟାଳୟ ହେବନି

ଜୟପୁର,୨୧।୧ (ନି.ପ୍ର.)-ଦକ୍ଷିଣ ଓଡ଼ିଶାର ପ୍ରମୁଖ ଏବଂ ସର୍ବ ପୁରାତନ ଉଚ୍ଚଶିକ୍ଷା ଅନୁଷ୍ଠାନ ଜୟପୁରର ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବର୍ତ୍ତମାନ ଏକକ ବିଶ୍ୱ ବିଦ୍ୟାଳୟ କରିବା ପ୍ରସ୍ତାବ ନାହିଁ ବୋଲି ସ୍ପଷ୍ଟ କରିଛି ଉଚ୍ଚଶିକ୍ଷା ବିଭାଗ। ବିଭାଗ ପକ୍ଷରୁ ବିଧାନସଭା ସଚିବଙ୍କୁ ପତ୍ରସଂଖ୍ୟା ୨୮୭୨ରେ ବୁଧବାର ଏପରି ଉଲ୍ଲେଖ ରହିଛି। ୧୯୪୭ରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱ ବିଦ୍ୟାଳୟ କରିବା ନେଇ ବାରମ୍ବାର ଦାବି ହୋଇଛି । ଗତବର୍ଷ ରାଜ୍ୟ ସରକାର କଳାହାଣ୍ଡିର ଭବାନୀପାଟଣା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ବଲାଙ୍ଗୀରର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା ପରେ ଅବିଭକ୍ତ କୋରାପୁଟ ଜିଲାର ଏହି କଲେଜ ପାଇଁ ଦାବି ଜୋର ଧରିଥିଲା।

## କୋମ୍ବିଂ ଅପରେଶନ ବେଳେ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୨୧।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଆନ୍ଧ୍ର-ଓଡିଶା ସୀମାନ୍ତ ଗୋକୋଣ୍ଡା ଜଙ୍ଗଲ ଅନ୍ତର୍ଗତ ବଡିଗେଟା ଅଞ୍ଚଳରୁ ଗୁରୁବାର ବିଏସ୍ଏଫ୍ ଯବାନମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। କାଲିମେଳା ଥାନା ଅନ୍ତର୍ଗତ ବଡିକେଟା ଗ୍ରାମର ମାରିଗେଟା ନିକଟରୁ ଯବାନ ମାନେ ଗୁରୁବାର ଭୋର ସମୟରେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଲୁଚା ଯାଇଥିବା ଅସ୍ତ୍ରଶସ୍ତ୍ର ଜବତ କରିଥିଲେ। ଏହି ଅସ୍ତ୍ରଶସ୍ତ୍ର ମଧ୍ୟରେ ଜିଲୋଟିନ୍ ଷ୍ଟିକ୍, ତାର, ଡିଟୋନେଟର, ତାର ନଥିବା ଡିଟୋନେଟର, ବୁବି ଟ୍ରାପ୍, ଓ ମାଓବାଦୀ ବ୍ୟବହୃତ ଅନେକ ସାମଗ୍ରୀ ରହିଛି।

# ଧାନ ଉଠୁନି, ଶୀତ କାକରରେ ଜଗିଛନ୍ତି ଚାଷୀ

କୁନ୍ଦୁରା,୨୧।୧(ଡି.ଏନ.ଏ.)



ମଣ୍ଡିରେ ଗଦା ହୋଇଥିବା ଧାନ।

କୋରାପୁଟ ଜିଲାରେ ଚଳିତ ଖରିଫ ଋତୁରେ ଅମଳ ପରେ ୨୫ ପ୍ରତିଶତ ଧାନ ଚାଷୀ ବିକ୍ରି କରିଥିବା ବେଳେ ୭୫ ପ୍ରତିଶତ ଧାନକୁ ଦୀର୍ଘ ଏକ ମାସ ହେବ ମଣ୍ଡିରେ ପଡିରହିଛି। ଚାଷୀ ଅସହ୍ୟ ଥଣ୍ଡାରେ ଧାନ ଜଗିଛି । ନଭେମ୍ବରରୁ ଚାଷୀ ପଞ୍ଜୀକରଣ ଅନୁଯାୟୀ ବିଭିନ୍ନ ଅସ୍ଥାୟୀ ମଣ୍ଡିସ୍ଥଳରେ ଧାନ ଗଦେଇଛନ୍ତି । ପ୍ରତି ମଣ୍ଡିରେ ଯେଉଁ ଚାଷୀଙ୍କର ପଞ୍ଜୀକରଣ ହୋଇଥାଏ ସେହି ଚାଷୀଙ୍କଠାରୁ ପ୍ରଶାସନ ଧାନ କିଣିଥାଏ। ଚଳିତବର୍ଷ ଜାନୁୟାରୀ ୧ରୁ ପ୍ରଶାସନ ଚାଷୀଙ୍କ ଧାନ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କେତେକ ସ୍ଥାନରେ ପ୍ରତିବାଦରେ ରାସ୍ତାରୋକୋ ହୋଇଛି। ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ପ୍ରାୟ ୧ଲକ୍ଷ ୨୫ହଜାର କୁଇଣ୍ଟାଲ ଖରିଫ ଧାନ କେବଳ କୁନ୍ଦୁରା ବ୍ଲକରେ କ୍ରୟ ହୋଇପାରିନାହିଁ। ଆରମ୍ଭରୁ ପ୍ରଶାସନ ଧାନ ସଂଗ୍ରହ ଲାଗି ଜଣେ ଲେଖାଏ ମିଲରଙ୍କୁ ପ୍ରତି ମଣ୍ଡି ପିଛା ଧାନ ଉଠେଇବାକୁ ଦାୟିତ୍ୱ ଦେଇଥିଲେ। ଚଳିତ ସପ୍ତାହରେ ଜିଲା ପ୍ରଶାସନରେ ନିର୍ଦ୍ଦେଶରେ ବିଡିଓ, ତହସିଲଦାର, ସମବାୟ ବିଭାଗ ନିୟନ୍ତ୍ରିତ ବଜାର କମିଟିକୁ କେଉଁ ମଣ୍ଡିରେ କେତେ ଧାନ ଗଚ୍ଛିତ ଅଛି ରିପୋର୍ଟ ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗକୁ ଦେଇଛି। ତେବେ କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତର ଲ୍ୟାମ୍ପସ ଅଧୀନରେ ଥିବା ମଣ୍ଡି ମଧ୍ୟରୁ ୨ଟି ଲ୍ୟାମ୍ପସ ଏବଂ ୪ଟି ଏସ୍ଏଚ୍‌ଜିକୁ ଧାନକ୍ରୟ କରିବା ନେଇ ଟାର୍ଗେଟ ମିଳିଥିବା ଶୁଣିବାକୁ ମିଳୁଛି। ପ୍ରଶାସନକୁ ଏନେଇ ପଚାରିଲେ ଆଜି କାଲି କହି ସମୟ ଗଡ଼ାଉଛି। ସୂଚନାଯୋଗ୍ୟ, କୁନ୍ଦୁରା, ଡଙ୍ଗରପାଉଁଶୀ, ଖଟଲାପଦର ଏବଂ ଦିଗପୁର ଏସ୍ଏଚ୍‌ସି ସମେତ ଲ୍ୟାମ୍ପସରେ ୨୮୩୨ ଜଣ ଚାଷୀ ଖରିଫ ଋତୁ ପାଇଁ ପଞ୍ଜୀକୃତ ହୋଇଛନ୍ତି। ଅନ୍ୟପକ୍ଷରେ ମଣ୍ଡିରୁ ଶୀଘ୍ର ଧାନ ନ ଉଠିଲେ ଆଗାମୀ ଦିନରେ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କୁହାଯାଇଛି।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୨୧।୧ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଗ୍ରାମରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅନ୍ତା ଗ୍ରାମର ଜଗନ୍ନାଥ ବେନିଆ(୨୨)। ପାରିବାରିକ କଳହ ଯୋଗୁ ଘରେ କେହି ନ ଥିବା ବେଳେ ଜଗନ୍ନାଥ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଜୟପୁର ଡାକ୍ତରଖାନା ଆଣିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସଦର ପୋଲିସ ମୃତଦେହ ଜବତ କରିଛି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର,୨୧।୧(ନି.ପ୍ର.)

କୋରାପୁଟ ଜିଲା ଜୟପୁର ମହିଳା ଥାନାରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି । ବୈପାରିଗୁଡ଼ାର ସୁରେଶ ମିଶ୍ରଙ୍କୁ ୨୦୧୪ରେ ମଙ୍ଗୁଳି ଦୋରା ଏଲିୟସ ମିଶ୍ର ବିବାହ କରିଥିଲେ । ବିବାହ ପରେ ସୁରେଶ ପ୍ରତିଦିନ ମଙ୍ଗୁଳିଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ ବୋଲି ସେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଟୀକାକରଣ ନେଇ ୱେବିନାର

ମାଲକାନଗିରି,୨୧।୧(ଡି.ଏନ୍.ଏ.)

ଜୟପୁରସ୍ଥିତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାର ମନ୍ତ୍ରଣାଳୟର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କୋଭିଡ-୧୯ ଟୀକାକରଣ ଅଭିଯାନ ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ଟିକାକୁ ନେଇ ଚାଲିଥିବା ବିଭିନ୍ନ ଗୁଜବକୁ ବିଶ୍ୱାସ ନ କରି ଟିକାର ଗୁରୁତ୍ୱ ଓ ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଡାକ୍ତର ଦୁର୍ଗା ପ୍ରସାଦ ରାଜ ଓ ଡାକ୍ତର ନିହାର ରଞ୍ଜନ ତ୍ରିପାଠୀ ଅତିଥି ରୂପେ ଉପସ୍ଥିତ ରହି ନିର୍ଭୟରେ ଟିକା ନେବାକୁ ପରାମର୍ଶ ଦେଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟର ମୁଖ୍ୟ ଶୈଳେସ କୁମାର, ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଦାମନଯୋଡ଼ିରେ ୩ ଦିନରେ ନେଲେଣି ୨୭୫

**ସୁନାବେଡ଼ାରେ କରୋନା ଟିକାକରଣ ଆରମ୍ଭ**

ସୁନାବେଡ଼ା/ଦାମନଯୋଡ଼ି, ୨୧।୧(ଡି.ଏନ.ଏ.)

ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର କରୋନା ଟିକାକାରଣ ଆରମ୍ଭ ହୋଇଛି। ଏହାକୁ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଉଦ୍‌ଘାଟନ କରିଥିଲେ। ଟିକାକରଣର ପ୍ରଥମ ଟିକା ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ହରପ୍ରସାଦ ପାଣିଗ୍ରାହୀ ନେଇଥିଲେ। ପରେ ଅନ୍ୟ ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଅଙ୍ଗନୱାଡି କର୍ମଚାରୀ ଏବଂ ଆଶାକର୍ମୀ ଟିକା ନେଇଥିଲେ। ସମସ୍ତଙ୍କୁ ଟିକା ନେବାର ୩୦ ମିନିଟ୍ ପର୍ଯ୍ୟନ୍ତ ଅବଜରଭେଶନରେ ରଖାଯାଇଥିଲା। କୌଣସି ଟିକା ଗ୍ରହଣକାରୀଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳି ନ ଥିଲା। ପ୍ରଥମ ପର୍ଯ୍ୟାୟରେ ୧୫୧ ଜଣଙ୍କୁ ଟିକା ପ୍ରଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାରେ ପୋଲିସ ବିଭାଗର କର୍ମଚାରୀ ଏବଂ ପୌର ପରିଷଦର କର୍ମଚାରୀ ଟିକା ନେବେ। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ର ମ୍ୟାନେଜର ସଞ୍ଜୟ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ମହାପାତ୍ର, ପୂର୍ବତନ କାଉନସିଲର ସୁବ୍ରତ କୁମାର ବିଷୋୟୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି କୋରାପୁଟ ବ୍ଲକ ଦାମନଯୋଡ଼ି ନିକଟସ୍ଥ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ୬୫ ଜଣ କରୋନା ପ୍ରତିଷେଧକ ଟିକା ନେଇଛନ୍ତି। ସେମାନଙ୍କ ମଧ୍ୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଅଛନ୍ତି। ପ୍ରଥମେ ଚକ୍ଷୁ ସହାୟକ ବିଜୟ କୁମାର ଆଚାର୍ଯ୍ୟ ଟିକା ନେଇଥିଲେ। ଏହାକୁ ମିଶାଇ ୩ଦିନରେ ମୋଟ ୨୭୫ ଜଣ ଟିକା ନେଲେଣି। ଡାକ୍ତର ତାପସ ରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ଆଇଟିଡିଏର ସ୍ୱତନ୍ତ୍ର ଅଧିକାରୀ ମହେଶ ପ୍ରସାଦ ମହାପାତ୍ର ଥିଲେ। କ୍ଷୀରପ୍ରଭା ସେଠୀ, ଟିକାକରଣ ଅଧିକାରୀ ରାଜନ୍ଦ୍ରେ ଜାନି, ତାପସୀ କୁମାରୀ ଜେନା, କୁନ୍ତଳା କୁମାରୀ ସେଠୀ, ମାନସ କୁମାର ସ୍ୱାଇଁ, ସୁଶାନ୍ତ କୁମାର ଭଞ୍ଜ ପ୍ରମୁଖ ଟିକାକରଣର ବିଭିନ୍ନ ଦାୟିତ୍ୱରେ ଥିଲେ। ବିପିଏମ୍ ନୂତନ ସିଂ, ସୁପରଭାଇଜର ରାଧିକା ସୋରେନ, ହୀରାମଣି ଦେଈ ସହାୟତା କରିଥିଲେ।

## ଲୁଟ୍ ଘଟଣାରେ ୪ ଗିରଫ

ଉମରକୋଟ,୨୧।୧(ଡି.ଏନ୍.ଏ.)

ଝରିଗାଁ ଥାନା ଚକଲାପଦର ଗ୍ରାମ ନିକଟରେ ଖଣ୍ଡାରେ ଆକ୍ରମଣ କରି ବ୍ୟବସାୟୀଙ୍କ ରାଜେନ୍ଦ୍ର ଯାଦବଙ୍କଠାରୁ ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ନଗଦ ୧ଲକ୍ଷ ୧୨ହଜାର ଟଙ୍କା ସହ ୨ଟି ବାଇକ୍, ୪ଟି ମୋବାଇଲ, ଗୋଟିଏ ଖଣ୍ଡା ଜବତ କରାଯାଇଛି ବୋଲି ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଝରିଗାଁ ଥାନାଧିକାରୀ ଉମେଶ ସାହୁ ଓ ତାଙ୍କ ଟିମ୍ ଅଭିଯୁକ୍ତମାନଙ୍କୁ ଡାବୁଗାଁ ଥାନା ଅଞ୍ଚଳରୁ ଗିରଫ କରିଛନ୍ତି। ଖବରଦାତା ସମ୍ମିଳନୀରେ ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ୩୫୦ ପରିବାର ପ୍ରଶାସନର ଦ୍ୱାରସ୍ଥ

**ଥଇଥାନ ନେଇ ଜାଗା ଚିହ୍ନଟରେ ବିଳମ୍ବ**

ଜୟପୁର,୨୧।୧(ନି.ପ୍ର.)

କୋଲାବ ପ୍ରକଳ୍ପ ଲାଗି ବିସ୍ଥାପିତ ହୋଇ ଜୟପୁରର ଓସିସି କଲୋନି, ପାୱାର ହାଉସ, ସିମେଣ୍ଟସାହି କଲୋନି, ଟିଙ୍କିରା ସାହୁ ଓ ସ୍ଲିପ୍‌ୱେ କଲୋନି ଅଞ୍ଚଳର ବିଭିନ୍ନ ସ୍ଥାନରେ ୪୦ ବର୍ଷ ହେବ ରହି ଆସୁଥିବା ୩୫୦ ପରିବାରକୁ ପ୍ରଶାସନ ଏଯାଏ ଥଇଥାନ କରିପାରିନାହିଁ। ଏ ସମ୍ପର୍କରେ ସେମାନେ ପୂର୍ବରୁ ପୂର୍ବତନ ଉପ ଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଜଣାଇଥିଲେ। ବର୍ତ୍ତମାନର ଉପଜିଲାପାଳ ହେମକାନ୍ତ ସଏଙ୍କୁ ମଧ୍ୟ ଭେଟିଥିଲେ। ଉଭୟ ଉପଜିଲାପାଳ ସମ୍ପୃକ୍ତ ପରିବାରକୁ ଥଇଥାନ ଲାଗି ଜାଗା ଚିହ୍ନଟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏ ଦିଗରେ ବିଳମ୍ବ ହେବାରେ ଲାଗିଛି। ଏ ଯାଏ ଜାଗା ଚିହ୍ନଟ ହୋଇନାହିଁ । ସେମାନଙ୍କୁ ଥଇଥାନ କରିବା ଲାଗି ଜାଗା ଚିହ୍ନଟକରି ହସ୍ତାନ୍ତର କଲେ ସେମାନେ ଭଲଘର ଖଣ୍ଡିଏ କରି ରହିପାରନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରଶାସନ ସେମାନଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧହେବେ ବୋଲି ଗ୍ରାମବାସୀ ଟଙ୍କଧର ହରିଜନ, ରମେଶ ଦୋରା, ଦୁର୍ଗା ଖରା, ସମିର ଭତ୍ରା,ପୂର୍ଣ୍ଣ ଖରା, ରବି କୁଳଦୀପ ପ୍ରମୁଖ କହିଛନ୍ତି । ପରେ ସେମାନେ ଜୟପୁର ତହସିଲଦାରଙ୍କୁ ସାକ୍ଷାତ କରିଥିଲେ । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ।

## କଲ୍ୟାଣ ମଣ୍ଡପ ପାଇଁ ଅନୁମତି ଲୋଡ଼ିଲେ ଗ୍ରାମବାସୀ

**ଜୟପୁର,୨୧।୧(ନି.ପ୍ର.)**–ଚରାମୂଳା ଠାକୁରାଣୀ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଅନୁମତିଦେବାକୁ ଗୁରୁବାର ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ବୋରିଗୁମ୍ମା ବ୍ଲକ ନାରିଗାଁର ଗ୍ରାମବାସୀ। ଏନେଇ ଏକ ଦାବିପତ୍ର ପ୍ରଶାସନକୁ ଦେଇଛନ୍ତି। ଯେଉଁ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଗ୍ରାମବାସୀ ଅନୁମତି ମାଗିଛନ୍ତି ସେଠାରେ କେତେଜଣ ବ୍ୟକ୍ତି ଜବରଦଖଲ କରି ରହୁଛନ୍ତି। ଜବରଦଖଲ ଉଚ୍ଛେଦକରି କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ଗ୍ରାମବାସୀ ଉପକୃତ ହେବେ ବୋଲି ମଙ୍ଗଳା ହରିଜନ, ଭୀମ ମହୁଟିଆ, ମୁରଲୀ ମୋହନ ନାୟକ କହିଛନ୍ତି ।

# ଖବର ପ୍ରକାଶ ପାଇବା ପରେ ବଦଳିଲା ଫଳକ

**ଭାଲଗୁଡ଼ା ନୂତନ ଅଙ୍ଗନୱାଡି ଗୃହକୁ ନେଇ ଚର୍ଚ୍ଚା**

ବୈପାରିଗୁଡ଼ା,୨୧।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ରାମଗିରି ପଞ୍ଚାୟତର ଭାଲଗୁଡ଼ା ଗ୍ରାମରେ ଏକ ନୂତନ ଅଙ୍ଗନୱାଡି ଗୃହକୁ ନେଇ ବିବାଦ ଦେଖାଯାଇଛି । କିଛିଦିନ ତଳେ ଉକ୍ତ ଅଙ୍ଗନୱାଡି ଗୃହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସେଠାରେ ଲାଗିଥିବା ଫଳକ ନେଇ ଲୋକେ ପ୍ରଶ୍ନ ଉଠାଇଥିଲେ। ଉକ୍ତ ଫଳକରେ ହରିଜନ ସାହି ଅଙ୍ଗନୱାଡି କେନ୍ଦ୍ର ଉଲ୍ଲେଖ ଥିଲା । ତେବେ ହରିଜନ ସାହିରେ ୨ ବର୍ଷ ତଳେ ଅନ୍ୟ ଏକ ଅଙ୍ଗନୱାଡି ଗୃହ ନିମିଟଲ ଲେଭଲ ପର୍ଯ୍ୟନ୍ତ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡିଛି। ଏହାର କାରଣ ସ୍ପଷ୍ଟ କରାଯାଉ ନ ଥିବା ବେଳେ ପୁଣି ଏକ ଅଙ୍ଗନୱାଡି ଗୃହ ହରିଜନ ସାହି ନାମରେ ପାଇକସାହିରେ କରାଯିବା ନେଇ ଲୋକେ ସନ୍ଦେହ ପ୍ରକାଶ କରିଥିଲେ । ଏ ନେଇ ଗୁରୁବାର ଧରିତ୍ରୀରେ ‘ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ନାମରେ ୨ କୋଠା’ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ମାତ୍ରେ ଉକ୍ତ ଫଳକରେ ଥିବା ହରିଜନ ସାହି ଲେଖାକୁ ରଙ୍ଗ ମାରି ଲିଭାଯାଇଛି । ଫଳରେ ଲୋକଙ୍କ ମନରେ ସନ୍ଦେହ ଆହରି ଦୃଢ଼ୀଭୂତ ହୋଇଛି । ଦାୟିତ୍ୱରେ ଥିବା ପୂର୍ବର କନିଷ୍ଠ ଯନ୍ତ୍ରୀଙ୍କୁ ଏ ବିଷୟରେ ପଚାରିବାରୁ ଘଟଣାର ଅନୁସନ୍ଧାନ କରି ପରେ ସେ ଏ ସମ୍ପର୍କରେ କହିବେ ବୋଲି କହିଥିଲେ । ସିଡିପିଓ ଜ୍ଞାନ ସୁନ୍ଦରୀଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଗ୍ରାମରେ କୁମ୍ଭାରସାହିରେ ଏକମାତ୍ର ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଭାଲଗୁଡ଼ା ନିକଟରେ ସମ୍ପୂର୍ଣ୍ଣ ହୋଇଥିବା ଭାଲଗୁଡ଼ା ଅଙ୍ଗନୱାଡି କେନ୍ଦ୍ର ଏଯାଏ ତାଙ୍କୁ ହସ୍ତାନ୍ତର ହୋଇନାହିଁ । ହରିଜନ ସାହିରେ ଅଧାପନ୍ତରିଆ ଅବସ୍ଥାରେ ଥିବା କେନ୍ଦ୍ର ସମ୍ପର୍କରେ ରିପୋର୍ଟ ସେ ଉପରିସ୍ଥ ଅଧିକାରୀଙ୍କୁ ଦେଇଥିବା ସେ କହିଛନ୍ତି।



ନୂଆ ଅଙ୍ଗନୱାଡି କେନ୍ଦ୍ର ଫଳକ ଖବର ପ୍ରକାଶ ପାଇବା ପୂର୍ବରୁ।



ନୂଆ ଅଙ୍ଗନୱାଡି କେନ୍ଦ୍ର ଫଳକ ଖବର ପ୍ରକାଶ ପାଇବା ପରେ ।

# ଯୁଦ୍ଧଂ ଦେହି ଡାକରାରେ ଆନ୍ଦୋଳନ ଜାରି ରହିବ

**କଂଗ୍ରେସର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର,୨୧।୧(ବି.ପ୍ର.)





ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଝରିଗାଁ ବ୍ଲକରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣାଧୀନ ପାଇଖାନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏଠାରେ ଆହୁରି ଅନେକ ଦୁର୍ନୀତି ଓ ଘୋଟାଲା ହୋଇଛି। ନିଲମ୍ବିତ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଅବସ୍ଥାପିତ ପାଇଁ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି। ତେବେ ବିଡିଓ ନିଲମ୍ବନ ଚିଠି ଗ୍ରହଣ ନ କରି ଫେରାର ଅଛନ୍ତି। ଫେରାର ହେବା ପରେ ଧାରୁଆଙ୍କ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ଗୁମର ଖୋଲିବାରେ ଲାଗିଛି ବୋଲି ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ଜିଲା ପ୍ରଶାସନକୁ ପ୍ରଦୀପ ମାଝି କୃତଜ୍ଞତା ଜଣାଇଛନ୍ତି। ଜିଲାପାଳ ଅଜିତ କୁମାର ମିଶ୍ର ଓ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ୪୫ ଦିନ ମଧ୍ୟରେ ଝରିଗାଁ ବ୍ଲକର ପ୍ରତି ଗାଁ, ସାହିରେ ତଦନ୍ତ କରିଛନ୍ତି। ଏବେ ମଧ୍ୟ ତଦନ୍ତ ଜାରି ରହିଛି। ଦୁର୍ନୀତି ବିରୋଧରେ ପ୍ରଶାସନ ଯଦି ଏଭଳି ସହଯୋଗ କରିବ, ତାହାହେଲେ ଜନସାଧାରଣଙ୍କ ନିକଟରେ ପ୍ରକୃତ ଯୋଜନା ପହଞ୍ଚିବ ଓ ଲୋକେ ଉପକୃତ ହୋଇପାରିବେ ବୋଲି ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝି କହିଛନ୍ତି।

ରାଜନେତାଙ୍କ ଛତ୍ରଛାୟାରେ ରହି ବିଡିଓ ପାଇଖାନା ଦୁର୍ନୀତି ସହ ଅନ୍ୟ ଦୁର୍ନୀତିରେ ମଧ୍ୟ ଲିପ୍ତ ଅଛନ୍ତି ବୋଲି ପ୍ରଦୀପ କହିଛନ୍ତି। ଶାସକ ଦଳର ଏଜେଣ୍ଟଭାବେ ବ୍ଲକରେ ବିଡିଓ ଏବଂ ଅନ୍ୟ ୩ଜଣଙ୍କୁ ନିଯୁକ୍ତି ମିଳିଛି। ପାଇଖାନା ଦୁର୍ନୀତିର ତଦନ୍ତ ଚାଲିଥିବାବେଳେ ଝରିଗାଁ ବ୍ଲକ ପରିସରରୁ ମୂଲ୍ୟବାନ ଗଛ ଗାଏବ ହୋଇଥିବା ଜଣାପଡିଛି।

ଡିଏଫ୍‌ଓ କିମ୍ବା ପଞ୍ଚାୟତ ସମିତି ବୈଠକରେ କୌଣସି ଅନୁମତି ନ ଥାଇ ଗଛଗୁଡିକ କାଟି ଉକ୍ତ ଏଜେଣ୍ଟମାନଙ୍କ ଘରକୁ ପଠାଯାଇଛି ବୋଲି କଂଗ୍ରେସ କହିଛି। ସେହିଭଳି ବ୍ଲକ ପରିସରରେ ଥିବା ୧୦ରୁ ୧୫ ବର୍ଷ ତଳର ପୁରୁଣା ୪ଟି ଘର, ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗୋଦାମ ଓ ବିଶ୍ରାମ କକ୍ଷ ଭାଙ୍ଗି ଦିଆଯାଇଛି। ଗୃହ ନିର୍ମାଣ ବିଭାଗୀୟ ଯନ୍ତ୍ରୀ ଅନୁଧ୍ୟାନ କରି ଭାଙ୍ଗିବା ପାଇଁ ରିପୋର୍ଟ ଦେବା ପରେ ଘର ଭଙ୍ଗାଯିବା ନିୟମ ରହିଛି। ଏଠାରେ ଏହାର ମଧ୍ୟ ଖିଲାପ କରାଯାଇଛି। ଭଙ୍ଗା ଯାଇଥିବା ଘରେ ଲାଗିଥିବା କାଠକୁ ସମ୍ପୃକ୍ତ ୪ଜଣ ଏଜେଣ୍ଟଙ୍କ ହାତକୁ ଟେକି ଦିଆଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାଛଡା ବ୍ଲକରେ ଅନେକ ଦୁର୍ନୀତି ହୋଇଛି। କଂଗ୍ରେସ ଏହାର ପର୍ଦ୍ଦାଫାଶ କରିବ ବୋଲି ପ୍ରଦୀପ ମାଝି କହିଛନ୍ତି। ଯୁଦ୍ଧଂ ଦେହି ଡାକରାରେ ଆନ୍ଦୋଳନ ଜାରି ରହିବ। ପାପଡାହାଣ୍ଡିରେ ଯୁବ କଂଗ୍ରେସ ଓ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ବୈଠକରେ ବାସୁଦେବ ପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ, ବୃନ୍ଦାବନ ତ୍ରିପାଠୀ, ଦିଲ୍ଲୀପ ବେହେରା, ସରୋଜ ପାତ୍ର, ଉତ୍ତମ ତ୍ରିପାଠୀ, କୁନା ପାଢ଼ୀ, ଯୁବ କଂଗ୍ରେସ ସଭାପତି ଅଖିଳ ଭତରା, କେଶବ ଭଲ, ପ୍ରଦୀପ ସାହୁ, ସଞ୍ଜୟ ନାୟକ, ସୁବାସ ସୁର ପ୍ରମୁଖ ଉପସ୍ଥିତ ଥିଲେ।

